# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**28 March - 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ବିଧାନସଭାର ବଜେଟ୍ ଅଧିବେଶନର ପଂଚଦଶ ଦିବସରେ ଗୃହକାର୍ଯ୍ୟ ସ୍ୱାଭାବିକ

— ବନ୍ଦ ହୋଇଥିବା ବିଦ୍ୟାଳୟଗୁଡ଼ିକ ଖୋଲିବା ପାଇଁ ପ୍ରସ୍ତାବ ଆସିଲେ ସରକାର ପଦକ୍ଷେପ ନେବେ; ଗୃହରେ ସୂଚନା ଦେଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

- କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରେ ଆସନ୍ତା ରବିବାର ଦିନ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିବେ ଅନ୍ତ୍ୟୋଦୟ ଗୃହ ଯୋଜନା
- ଶିଶୁବାଟିକାରେ ନାମଲେଖା ପାଇଁ ଜିଲ୍ଲାସ୍ତରରେ ଚାଲିଛି ନିମନ୍ତ୍ରଣପତ୍ର ବଣ୍ଟନ

ଏବଂ

- ରାଜ୍ୟର ଆଭ୍ୟନ୍ତରୀଣ ଓ ପଶ୍ଚିମାଞ୍ଚଳ ଜିଲ୍ଲାଗୁଡ଼ିକରେ ଗ୍ରୀଷ୍ମପ୍ରବାହ ଜାରି

# ବିଧାନସଭା

ବିଧାନସଭା ବଜେଟ୍ ଅଧିବେଶନର ଆଜି ପଞ୍ଚଦଶ ଦିନରେ  ଗୃହକାର୍ଯ୍ୟ ସ୍ୱାଭାବିକ ଚାଲିଛି। ପ୍ରଶ୍ନୋତ୍ତର ଏବଂ ଶୂନ୍ୟକାଳ ସୁରୁଖୁରୁରେ ଚାଲିଥିଲା। ଉଭୟ ବିଜୁ ଜନତା ଦଳ ଏବଂ ଭାରତୀୟ ଜନତା ପାର୍ଟିର ସଦସ୍ୟମାନେ ସେମାନଙ୍କର ଦରମା ଓ ପେନ୍‌ସନ୍ ବୃଦ୍ଧି ନେଇ ବାଚସ୍ପତିଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମହିଳା ଓ ଶିଶୁ ବିଭାଗ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ଖର୍ଚ୍ଚ ଦାବିକୁ ଗୃହରେ ଉପମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡା ଆଗତ କରିଥିଲେ। ଗଣଶିକ୍ଷା ବିଭାଗ ପକ୍ଷରୁ ଆଲୋଚନାରେ ଭାଗ ନେଇ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ପୂର୍ବ ସରକାର ୫ ହଜାର ୬୩୨ ବିଦ୍ୟାଳୟକୁ  ବନ୍ଦ କରିଥିଲେ। ବିଦ୍ୟାଳୟଗୁଡ଼ିକୁ ପୁଣି ଥରେ ଖୋଲିବା ନେଇ ପ୍ରସ୍ତାବ ଆସିଲେ ସରକାର ବିହିତ ପଦକ୍ଷେପ ନେବେ।

**-V/O-**

କୌଣସି ପିଲା ଯେପରି ପାଠ ପଢ଼ାରୁ ବଞ୍ଚିତ ହେବେ ନାହିଁ ସେଥିପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଥିଲେ। ଗୃହକୁ ଦେଇଥିବା ସୂଚନା ଅନୁସାରେ, ୧୦୦ ମିଟର ବ୍ୟବଧାନରେ ଥିବା ୨ ହଜାର ୧୫୨ ବିଦ୍ୟାଳୟକୁ ମିଶ୍ରଣ କରାଯାଇଛି। ବ୍ଲକ ଗ୍ରାଣ୍ଟ ଏବଂ ପୁର୍ଣ ଅନୁଦାନ ପାଇଥିବା ବିଦ୍ୟାଳୟରେ ଯେଉଁ ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କର ସ୍ଥାନ ଖାଲି ପଡିଛି, ସେଗୁଡିକ ବର୍ତ୍ତମାନ ଚୁକ୍ତିଭିତ୍ତିରେ ପୂରଣ କରାଯିବ।

ବର୍ତ୍ତମାନ ସରକାର ୧୮ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ଆଗାମୀ ଦିନରେ ଆଉ ୧୦ ହଜାର ଶିକ୍ଷକ ନିଯୁକ୍ତି  ପାଇବେ। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୃହରେ ସୂଚନା ଦେଇ କହିଛନ୍ତି, ରାଜ୍ୟର ୧୫ଟି ବିଶ୍ୱ ବିଦ୍ୟାଳୟରେ ୨୦ ହଜାର ୫୪୦ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ, ଆଭ୍ୟନ୍ତରୀଣ ଉନ୍ନତି ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ଆଗାମୀ ଆର୍ଥିକବର୍ଷରେ ୩୭୫ କୋଟି ଟଙ୍କା ବଜେଟ୍‌ରେ ବ୍ୟୟ ବରାଦ କରିଛନ୍ତି।

କ୍ରୀଡା କ୍ଷେତ୍ର ସମ୍ବନ୍ଧିତ ଏକ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ରାଜ୍ୟର ୩୧୪ ଟି ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯାଉଛି। ସ୍ଥାନୀୟ ଖେଳାଳିମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ଲକ୍‌ସ୍ତରରେ ସମନ୍ୱିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଗ୍ରାମାଞ୍ଚଳଗୁଡ଼ିକରେ ସମନ୍ୱିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବା ପାଇଁ ସରକାର ୫ ବର୍ଷରେ ୪ ହଜାର ୧୨୬ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ମନ୍ତ୍ରୀ ଶ୍ରୀ ସୁରଜ ବିଧାନସଭାରେ କହିଛନ୍ତି।

## ବିଧାନସଭା-୨

ରାଜ୍ୟରେ ୨ ହଜାର ୪୭୫ ଜଣ ଅସହାୟ ଲୋକ ଜରାଶ୍ରମରେ ରହୁଛନ୍ତି। କେନ୍ଦ୍ର ସରକାରଙ୍କ ଅନୁଦାନରେ ୮୭ଟି ଜରାଶ୍ରମ, ଏବଂ ରାଜ୍ୟ ସରକାରଙ୍କ ଅନୁଦାନରେ ୫ଟି ଜରାଶ୍ରମ ଚାଲୁ ରହିଥିବା ଜଣାପଡିଛି। ବିଧାନସଭାରେ ମନୋହର ରନ୍ଧାରୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ କହିଛନ୍ତି, ବୃଦ୍ଧାଶ୍ରମ ପରିଚାଳନା ପାଇଁ ବର୍ଷକୁ ୧୫ ଲକ୍ଷ

୩୧ ହଜାରରୁ ଅଧିକ ଟଙ୍କା ପ୍ରଦାନ କରାଯାଉଥିବାବେଳେ ବର୍ଷକୁ ୭୬ ଲକ୍ଷ ୫୬ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି।

## ବିଧାନସଭା-୩

ରାଜ୍ୟରେ ପ୍ରାଥମିକ ସ୍ତରରେ ୨ ପ୍ରତିଶତ, ଉଚ୍ଚମାଧ୍ୟମିକ ସ୍ତରରେ ୧୨ ଦଶମିକ ୮ ପ୍ରତିଶତ ଛାତ୍ରଛାତ୍ରୀ ପାଠ ଛାଡୁଛନ୍ତି ବୋଲି ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଗୃହକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଜାତୀୟ ହାରଠାରୁ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା କମ୍ ରହିଛି।

## ଅନ୍ତୋଦୟ ଗୃହ ଯୋଜନା

ରାଜ୍ୟ ସରକାର ଆସନ୍ତା ରବିବାର ଦିନ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିବେ। ଏହି ସମ୍ପର୍କରେ ଭବାନୀପାଟଣାଠାରେ ବିଜେପି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରୁ ମିଳିଥିବା  ସୂଚନା ଅନୁସାରେ, ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଗରିବ ପରିବାରକୁ ପକ୍କା ଘର ଯୋଗାଇଦେବା ପାଇଁ ରାଜ୍ୟ ସରକାର ଆଗାମୀ ଆର୍ଥିକବର୍ଷରେ ବଜେଟ୍‌ରେ ୭ ହଜାର ୫୫୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଚଳିତବର୍ଷ ୫୦ ହଜାରରୁ ଅଧିକ ହିତାଧିକାରୀଙ୍କୁ ଏହି ଯୋଜନା ଅଧୀନରେ ପକକା ଘର ଦେବା ପାଇଁ ୨ ହଜାର ୬୦୩ କୋଟି ଟଙ୍କାର ଅର୍ଥ ବ୍ୟୟ ବରାଦ କରାଯାଇଛି। ସ୍ୱଳ୍ପ ଆୟକାରୀ ପରିବାରଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମାଗଣା ଘର ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀଙ୍କର କଳାହାଣ୍ଡି ଜିଲ୍ଲା ଗସ୍ତ ସମୟରେ ପ୍ରାୟ

୫ଶହ କୋଟି ଟଙ୍କାର ନୂତନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ନେପାଳୀ ଛାତ୍ରୀ ମୃତ୍ୟୁ

ଭୁବନେଶ୍ୱର ଘରୋଇ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନ-ଏନ୍.ଏଚ୍.ଆର.ସି. ଆସନ୍ତା ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କମିଶନ ଘରୋଇ ବିଶ୍ୱବିଦ୍ୟାଳୟ ପରିସରରେ ନିମ୍ନମାନର ରହଣି ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

## ଶିଶୁ ବାଟିକା

ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାର ନୂତନ ଶିକ୍ଷାନୀତି ଆରମ୍ଭ କରିଛନ୍ତି । ଶିଶୁବାଟିକାରେ ନାମ ଲେଖାଇବାକୁ ସ୍ୱତନ୍ତ୍ର ନିମନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ  ଗଞ୍ଜାମ ଜିଲ୍ଲାରେ ନିମନ୍ତ୍ରଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଛତ୍ରପୁର ପୁଣ୍ଡିଗୋପାଳପୁର ବଡ଼ସାହିଠାରେ ପିଲାମାନଙ୍କ ଘରକୁ ଯାଇ ଶିଶୁବାଟିକାରେ ନାମ ଲେଖାଇବା ପାଇଁ ଅଭିଭାବକମାନଙ୍କୁ  ନିମନ୍ତ୍ରଣପତ୍ର ଦେଇଛନ୍ତି ।

**-V/O-**

ଆସନ୍ତା ମାସ ୨ ତାରିଖରୁ  ୩ ଦିନ ଧରି ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଗ୍ରାଫାଇଟ୍‌ର ସନ୍ଧାନ

କନ୍ଧମାଳ ଜିଲ୍ଲା ଦାରିଙ୍ଗ୍‌ବାଡି ବ୍ଲକ୍ ହାତୀମୁଣ୍ଡା ପଞ୍ଚାୟତର ବିଜାଲି ଏବଂ କୁମ୍ଭାରୀପଦର ଅଞ୍ଚଳରେ ଗ୍ରାଫାଇଟ୍‌ର ସନ୍ଧାନ ମିଳିଛି। କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଭୂତତ୍ତ୍ୱ ବୈଜ୍ଞାନିକ ଲାଜବନ୍ତୀ ଦେବୀଙ୍କ ନେତୃତ୍ୱରେ ସର୍ଭେ କାର୍ଯ୍ୟ ଜାରି ରହିଛି। ଡିଜିଟାଲ ଥିଓ-ଡିଓ ଲାଇଟ୍ ଯନ୍ତ୍ର ସାହାର୍ଯ୍ୟରେ ମାପ ଓ ସର୍ଭେ କରାଯାଇଥିବା ସୂଚନା ମିଳିଛି।

## ଦୁର୍ଘଟଣା

କନ୍ଧମାଳ ଜିଲ୍ଲାରେ ଦୁଇଟି ସଡକ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ଦାରିଙ୍ଗବାଡି ଥାନା ଅଂଚଳର ୨ ଜଣ ଏବଂ ଖଜୁରୀପଡା ଥାନା ଅଂଚଳରେ ଜଣଙ୍କର ମୃତ୍ୟୁ ହୋଇଛି। ଅତ୍ୟଧିକ ବେଗରେ ବାଇକ୍ ଚଳାଉଥିବାବେଳେ ସଡକ ଦୁର୍ଘଟଣା ଘଟି ମୃତ୍ୟୁ ଘଟିଛି ବୋଲି ପୁଲିସ୍ ସୂତ୍ରରୁ ଜଣାପଡିଛି।

## ସଚେତନତା ଶିବିର

**ନୂଆପଡା** ଜିଲ୍ଲା କୋମନା ଜିତାମିତ୍ର ହାଇସ୍କୁଲ ପରିସରରେ ନୂତନ ଅପରାଧ ଆଇନ୍‌ର କାର୍ଯ୍ୟକାରିତା ଓ ନିଶା ନିବରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କୋମନା ଥାନା ଅଧିକାରୀ ଏହି ଶିବିରରେ ଯୋଗଦେଇ ନୂତନ ଅପରାଧ ଆଇନ୍ କାର୍ଯ୍ୟକାରିତା ଉପରେ ମତ ରଖିବା ସହ ନିଶା ମୁକ୍ତ ସମାଜ ପାଇଁ ଆହ୍ୱାନ ଦେଇଥିଲେ।

## ଉଦନ୍ତୀ ମହୋତ୍ସବ

**ନୂଆପଡା** ଜିଲ୍ଲା ସିନାପାଲିଠାରେ ଉଦନ୍ତୀ ମହୋତ୍ସବ-୨୦୨୫ର ଆଜି ସନ୍ଧ୍ୟାରେ ଉଦ୍‌ଘାଟନ ହେବ। ଉଦନ୍ତୀ ନଦୀର ଅବବାହିକାରେ ଗଢ଼ି ଉଠିଥିବା ଜନବସତି ସାମାଜିକ ପରମ୍ପରା, ସଂସ୍କୃତି, କଳା, ସାହିତ୍ୟ, ଇତିହାସକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟ ନେଇ ଏହି ମହୋତ୍ସବର ଆୟୋଜନ କରାଯାଇଛି। ୩ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଉନ୍ନୟନ ପ୍ରଦର୍ଶନୀ, ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ, ଗ୍ରାମାଞ୍ଚଳର ଯୁବକଙ୍କୁ ସାମିଲ କରାଯାଇ ଆତ୍ମନିର୍ଭରଶୀଳ କରିବା ପାଇଁ ପ୍ରୟାସ କରାଯାଉଛି।

## ଅନ୍ତୋଦୟ ଗୃହ ଯୋଜନା

ବୌଦ୍ଧ ଜିଲ୍ଲା ମୁର୍ଷୁଣ୍ଡିଠାରେ ଜିଲ୍ଲାସ୍ତରୀୟ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁର୍ଷୁଣ୍ଡି ଖେଳପଡିଆଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆସନ୍ତା ରବିବାର ଆରମ୍ଭ ହେବ।

## ସଡକ ସୁରକ୍ଷା କମିଟି ବୈଠକ

**ଢେଙ୍କାନାଳ** ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।  ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବେପରୁଆ ଗାଡି ଚାଳନା ଏବଂ ଅତ୍ୟଧିକ ଶବ୍ଦ ସୃଷ୍ଟି କରି ଗାଡି ଚଳାଉଥିବା ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରାମର୍ଶ ଦେଇଛନ୍ତି। ବୈଠକରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଗାଡିଚାଳନାରେ ସମୟ ପରିବର୍ତ୍ତନ,

ପାନୀୟଜଳ ଓ ଓଆରଏସ୍ ମହଜୁଦ୍ ରଖିବା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା ।

## ସଚେତନତା କାର୍ଯ୍ୟକ୍ରମ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭଦ୍ରକ ଜିଲ୍ଲା ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ରରେ ଉଦ୍ଭିଦ  କିସମ, କୃଷକ ଅଧିକାର ସୁରକ୍ଷା ଆଇନ୍ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାର କୃଷି ବୈଜ୍ଞାନିକ ଏବଂ ୨୦୦ରୁ ଅଧିକ ଚାଷୀ ଯୋଗ ଦେଇଥିଲେ । ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସଞ୍ଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର, ଯାଜପୁରର କୃଷି ବୈଜ୍ଞାନିକ ପ୍ରମୁଖ ଯୋଗଦେଇ ଉଦ୍ଭିଦ କିସମ, ମୃତ୍ତିକା ସଂରକ୍ଷଣ ଅଧିକାର ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଚାଷୀମାନେ ଲାଭବାନ ହେବା ପାଇଁ ପରାମର୍ଶ ଦେଇଥିଲେ ।

# ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ରବିବାର ପର୍ଯ୍ୟନ୍ତ ରାଜ୍ୟର ଆଭ୍ୟନ୍ତରୀଣ ଓ ପଶ୍ଚିମ ଜିଲ୍ଲାଗୁଡ଼ିକରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବ । ଏହି ଜିଲ୍ଲାଗୁଡ଼ିକର କେତେକ ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀରୁ ଉର୍ଦ୍ଧ୍ୱରେ ରହିବ ଏବଂ ଉପକୂଳ ଜିଲ୍ଲାଗୁଡ଼ିକରେ ମଧ୍ୟ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିବାର ସମ୍ଭାବନା ରହିଛି ।  ଆଜି ଅପରାହ୍ଣ ଗୋଟାଏ ସୁଦ୍ଧା

ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୧ ଦଶମିକ ୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।

ଅନ୍ୟପକ୍ଷରେ ରାଜ୍ୟରେ ୨୦୨୦ରୁ ୨୦୨୪ ମସିହା ମଧ୍ୟରେ ୪ ବର୍ଷରେ ୨୩ଟି ଜିଲ୍ଲାରେ ଭୂତଳ ଜଳ ସ୍ତର ହ୍ରାସ ପାଇଥିବା ନେଇ ବିଧାନସଭାରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଗଜପତି ଓ ରାୟଗଡ଼ା ଜିଲ୍ଲାରେ ଅଧିକ ପରିମାଣରେ ଭୂତ ଜଳସ୍ତର କମିଥିବା ବେଳେ ବେଳେ ପଶ୍ଚିମ ଓଡ଼ିଶାର ୮୦ ପ୍ରତିଶତ ଜିଲ୍ଲାରେ ଭୂତଳଜଳସ୍ତର ହ୍ରାସ ପାଇଛି । ହେଲେ ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ମାଲକାନଗିରି, ସମ୍ବଲପୁର ଓ ନୂଆପଡ଼ା ଜିଲ୍ଲାରେ ଭୂତଳ ଜଳସ୍ତର ବୃଦ୍ଧି ପାଇଛି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି ।

*********************************